


# ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ

ଧାନ ସଂଗ୍ରହ ବର୍ଷ 2019-20

## ଚାଷୀ ପଞ୍ଜିକରଣ ପାଇଁ ଅନ୍ତିମ ସୁଯୋଗ

- ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ କାର୍ଯ୍ୟକ୍ରମ **17 ସେପ୍ଟେମ୍ବର** ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।
- ଅଦ୍ୟାବଧି ପଞ୍ଜିକରଣ ଉଦ୍ଦେଶ୍ୟରେ ଆବେଦନ ପତ୍ର ଦାଖଲ କରି ନଥିବା ଚାଷୀ ଭାଇଭଉଣୀମାନଙ୍କୁ ଅନୁରୋଧ, ନିର୍ଦ୍ଧାରିତ ଫର୍ମରେ ସେମାନେ ସେମାନଙ୍କର ନିକଟସ୍ଥ ଅନୁମୋଦିତ ସମିତି (ପେକ୍ସ/ ଲ୍ୟାମ୍ପ୍ସ/ମହିଳା ସ୍ୱୟଂସହାୟକ ଗୋଷ୍ଠୀ ବା ପାଣି ପଞ୍ଚାୟତ)ରେ ବର୍ଦ୍ଧିତ ସମୟ ସୀମା ମଧ୍ୟରେ ଆବେଦନ କରିବେ ।
- ଚାଷୀ ପଞ୍ଜିକରଣ ପାଇଁ ଏହା ଅନ୍ତିମ ସୁଯୋଗ । ଏହାକୁ ହାତଛଡା ନ କରିବା ପାଇଁ ବିନୀତ ଅନୁରୋଧ ।

## ପଞ୍ଜିକୃତ ତଥ୍ୟର ଚିଠା ପ୍ରକାଶନ (ଦ୍ୱିତୀୟ ଏବଂ ଶେଷ ପର୍ଯ୍ୟାୟ)

- ପଞ୍ଜିକୃତ ଚାଷୀମାନେ ଖରିଫ ଧାନ ଚାଷ କରିଥିବା ଜମିର ପରିମାଣ ବାବଦ ତଥ୍ୟ ସମ୍ବଳିତ ଚିଠା (ତା.1.9.2019 ରୁ 22.9.2019 ରିଖ ମଧ୍ୟରେ କମ୍ପ୍ୟୁଟରୀକୃତ ତଥ୍ୟ ଅନୁଯାୟୀ) ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଯିବ ।
- ଏହି ତଥ୍ୟ ସମ୍ପୃକ୍ତ ପଞ୍ଜିକରଣ କାର୍ଯ୍ୟ ସମ୍ପାଦନ କରୁଥିବା ସମିତି, ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ କଣ୍ଟ୍ରୋଲ ଦୋକାନରେ ତା.25.9.2019 ରୁ 30.9.2019 ମଧ୍ୟରେ ପ୍ରକାଶନ କରାଯିବ ।
- ସବିଶେଷ ତଥ୍ୟ ସମ୍ପୃକ୍ତ ସମିତିରେ ଉପଲବ୍ଧ କରାଯିବ ଏବଂ ପଞ୍ଜିକୃତ ଚାଷୀ/ ସର୍ବସାଧାରଣ ତା'ହା ନିରୀକ୍ଷଣ କରିପାରିବେ ।
- ଯଦି ପ୍ରକାଶିତ ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହେଉଥାଏ, ତତ୍ ସମ୍ବନ୍ଧୀୟ ଅଭିଯୋଗ ଯେ କୌଣସି ନାଗରିକ ସମ୍ପୃକ୍ତ ପ୍ରକାଶନ ସ୍ଥଳରେ ଆସନ୍ତା **ତା.3.10.2019** ସୁଦ୍ଧା ଦରଜ କରିପାରିବେ ।
- ଆପତ୍ତି କରିବା ପାଇଁ ନିର୍ଦ୍ଧାରିତ ଫର୍ମ ପ୍ରକାଶନ ସ୍ଥଳରେ ଉପଲବ୍ଧ ହେବ ।
- ସମିତି ସମ୍ପାଦକ/ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ/ କଣ୍ଟ୍ରୋଲ ଡିଲର ଅଭିଯୋଗକାରୀଙ୍କ ଦସ୍ତଖତ ସମ୍ବଳିତ ଆପତ୍ତି ପତ୍ର ପ୍ରାପ୍ତି ସ୍ୱୀକାର ସହ ଗ୍ରହଣ କରିବେ ।
- ଏକ ନିର୍ଭୁଲ ଓ ସତ୍ୟନିଷ୍ଠ ଚାଷୀ ତାଲିକା ପ୍ରସ୍ତୁତ କରିବା ସରକାରଙ୍କ ଲକ୍ଷ୍ୟ ।
- ଏ ବାବଦରେ ସହାୟତା କରିବା ପାଇଁ ଜନସାଧାରଣଙ୍କୁ ବିନମ୍ର ଅନୁରୋଧ ।

**ଓଡିଶା ସରକାର** **ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ**